بسم الله الرحمن الرحيم

**୧ ଅକ୍ଟୋବର ୨୦୨୧ ଖୁତବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

ହଜରତ ମୁହମ୍ମଦ [ସ.ଅ]ଙ୍କର ସର୍ବୋଚ୍ଚସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ଓ ଶ୍ରେଷ୍ଠ ଫାରୁକ୍ (ପୃଥକକାରୀ) ହଜରତ ଉମର ବିନ୍ ଖତାବ୍ [ର.ଅ]ଙ୍କ ଉତ୍ତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ମୁସଲେହ ମଉଦ[ର.ଅ] ୟୁରୋପ, ସ୍ପେନ୍ ଓ ସିସ୍‌ଲି'ରେ ଧର୍ମପ୍ରଚାର କରିବା ପରିପ୍ରେକ୍ଷୀରେ ଏକ ଅଭିଭାଷଣରେ କହିଥିଲେ, ହଜରତ ଉମର [ର.ଅ]ଙ୍କ ଖିଲାଫତ୍ କାଳରେ ହଜରତ ଅବୁ ଉବେଦାଃ[ର.ଅ] ସିରିୟା ଯୁଦ୍ଧ ସମୟରେ ମୁସଲମାନ ସିପାହିମାନଙ୍କ ସଂଖ୍ୟାଲଘୁତା ଓ ଶତ୍ରୁମାନଙ୍କର ସଂଖ୍ୟାଧିକତା ଦେଖି ହଜରତ ଉମର [ର.ଅ]ଙ୍କ ନିକଟରୁ ସୈନ୍ୟ ସହାୟତା ଲୋଡ଼ିଥିଲେ । ହଜରତ ଉମର[ର.ଅ] ବିଭିନ୍ନ ଗୋଷ୍ଠୀ ସହିତ ପରାମର୍ଶ କରିବା ପରେ ଗୋଟିଏ କବିଲାର ଯୁବଗୋଷ୍ଠୀଙ୍କୁ ଏକତ୍ରିତ କରି ହଜରତ ଅବୁ ଉବେଦାଃଙ୍କୁ ପତ୍ର ଲେଖିଲେ, ଯେ ୩୦୦୦ସିପାହିଙ୍କ ସାଥିରେ ୩୦୦୦ସିପାହିଙ୍କ ବରାବର ଉମରୋ ବିନ୍ ମାଦୀ କରବ୍‌ଙ୍କୁ ତୁମ ସାହାଯ୍ୟ ନିମନ୍ତେ ପ୍ରେରଣ କରୁଅଛି । ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ଯଦି ଆମର ଜଣେ ଯୁବକକୁ ୩୦୦୦ସିପାହିଙ୍କ ମୁକାବିଲାରେ ପ୍ରେରଣ କରାଯାଏ ତେବେ ସେ ଉତ୍ତର ଦେବ ଯେ ଏ କି ହାସ୍ୟସ୍ପଦ ପ୍ରସଙ୍ଗ, ୩୦୦୦ସିପାହିଙ୍କ ମୁକାବିଲାରେ ଜଣେ କିପରି ତିଷ୍ଠି ରହିପାରିବ । କିନ୍ତୁ ସେହି ସାହାବାମାନେ ନିଜ ବିଶ୍ୱାସର ଦୃଢ଼ତା ଓ ଉପସ୍ଥିତ ଖଲିଫାଙ୍କ ଆଦେଶକୁ ଗୁରୁତ୍ୱ ଦେଇ ଆପତ୍ତି କରିବା ପରିବର୍ତ୍ତେ ଉମରୋ ବିନ୍ ମାଦୀ କରବ୍‌ଙ୍କ ପକ୍ଷରେ ବେଶ ଉତ୍ସାହ ପୂର୍ଣ୍ଣ ଶ୍ଲୋଗାନ ଦେଇଥିଲେ ଏବଂ ତାଙ୍କର ଭବ୍ୟ ସ୍ୱାଗତ କରିଥିଲେ । ଯଦ୍ୱାରା ଶତ୍ରୁ ଭାବିଲା ଯେ ସମ୍ଭବତଃ ମୁସଲମାନମାନଙ୍କର ଲକ୍ଷେ, ଦୁଇ ଲକ୍ଷର ସୈନ୍ୟ ସହାୟତା ଆସି ପହଂଚିଗଲା । ଏହି ଭୟରେ ସେମାନେ ପରାଜୟ ବରଣ କରି ରଣକ୍ଷେତ୍ରରୁ ପଳାୟନ କଲେ । ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ବର୍ତ୍ତମାନ ଆମକୁ ନିଜର ବିଶ୍ଳେଷଣ କରିବା ଆବଶ୍ୟକ ଯେ ୟୁରୋପରେ, ସ୍ପେନ୍‌ରେ ତଥା ସିସ୍‌ଲି ଆଦି ଦେଶମାନଙ୍କରେ ଅହେମଦିୟତ୍‌ର ପ୍ରଚାର କିପରି କରିବା ।

ମିଶର ବିଜୟର ଘଟଣା ଚର୍ଚ୍ଚା କରିବା ଯୋଗ୍ୟ । ରୋମ ସମୁଦ୍ର ଓ ପଲୁସି'ର ପ୍ରବେଶ ପଥ ନିକଟରେ ନୀଳ ନଦୀ ତଟରେ ଏକ ପର୍ବତର ପାଦଦେଶରେ ଗୋଟିଏ ସୁପ୍ରସିଦ୍ଧ ସହର ରହିଥିଲା । ଅଲାମା ଶିବଲି ନୁମାନିଙ୍କ କହିବାନୁଯାୟୀ ବୈତୁଲ୍ ମୁକଦ୍ଦସ ବିଜୟ ପରେ ହଜରତ ଉମରୋ ବିନ୍ ଆସ୍ [ର.ଅ]ଙ୍କ ଜିଦ୍ ଯୋଗୁଁ ହଜରତ ଉମର[ର.ଅ] ହଜରତ ଉମରୋ ବିନ୍ ଆସ୍ [ର.ଅ]ଙ୍କ ନେତୃତ୍ୱରେ ୪୦୦୦ର ଏକ ସୈନ୍ୟ ଦଳ ମିଶର ଅଭିମୁଖେ ପ୍ରେରଣ କଲେ । କିନ୍ତୁ ଏଥିସହିତ ଏହା ମଧ୍ୟ ଆଦେଶ ଦେଲେ, ଯେ ମିଶର ପହଂଚିବା ପୂର୍ବରୁ ଯଦି ମୋ ପତ୍ର ତୁମର ହସ୍ତଗତ ହୁଏ ତେବେ ନିଜ ସେନାକୁ ନେଇ ଫେରି ଆସିବ । ଏହି ପ୍ରସଙ୍ଗରେ ଅନେକ ବର୍ଣ୍ଣନା ମିଳୁଅଛି । କିନ୍ତୁ ସଠିକ୍ ଏହା ମନେ ହେଉଛି, ଯେ ମିଶର ସୀମା ମଧ୍ୟରେ ଅରିଶ୍ (ସହର)ରେ ତାଙ୍କୁ ହଜରତ ଉମର[ର.ଅ] ପତ୍ର ହସ୍ତଗତ ହୋଇଥିଲା ଏବଂ ମିଶର'ରେ ପ୍ରବେଶ କରିବା ପରେ ସେ ଆଗକୁ ଅଗ୍ରସର ହେବାର ମନସ୍ଥ କରିଥିଲେ । କାରଣ ଜଣେ ମୋମିନ୍‌ର ଉଠିଲା ପାଦ ପଛକୁ ହଟି ନଥାଏ । ରୋମୀମାନେ ଇସଲାମୀୟ ସେନାକୁ ସାମାନ୍ୟ ଓ ସ୍ୱଳ୍ପ ସଂଖ୍ୟକ ମନେକରି ବୁଝିନେଲେ, ଯେ ଏମାନଙ୍କ ସାହସ କିଛି ଦିନରେ ହିଁ ଧରାଶାୟୀ ହୋଇଯିବ । ତେଣୁ ନିଜକୁ ଦୁର୍ଗ ମଧ୍ୟରେ ଅବରୋଧ କରିନେଲେ । କିନ୍ତୁ ହଜରତ ଉମରୋ ବିନ୍ ଆସ୍[ର.ଅ] ଅନେକ ମାସ ପର୍ଯ୍ୟନ୍ତ ଘେରାଉ ଅବ୍ୟାହତ ରଖିଲେ । ଯେତେବେଳେ ରୋମୀମାନଙ୍କର ଖାଦ୍ୟ ସାମଗ୍ରୀ ଶେଷ ହୋଇଗଲା ସେମାନେ ନିଜକୁ ଦୁର୍ଗ ମଧ୍ୟରେ ଅବରୋଧ ନକରିପାରି ମୁସଲମାନମାନଙ୍କ ମୁକାବିଲାରେ ପଦାକୁ ବାହାରି ଆସିଥିଲେ । କିନ୍ତୁ ପରମେଶ୍ୱର ମୁସଲମାନମାନଙ୍କୁ

ବିଜୟ ମଣ୍ଡିତ କରି ସମସ୍ତ (ଭୟପ୍ରଦ) ପଥ ପରିଷ୍କାର କରିଦେଲେ ।

ହଜରତ ଉମରୋ ବିନ୍ ଆସ୍[ର.ଅ] ସିରିୟା ମାର୍ଗରେ ଫସତାତ୍'ରୁ ୩୦ ମିଲ୍ ଦୂରରେ ଗୋଟିଏ ସହର ଜୟ କରିବା ଉଦ୍ଦେଶ୍ୟରେ ବାହାରିଲେ । କିନ୍ତୁ ବାଟରେ ରୋମୀ ସେନା ଆପଣଙ୍କ ମାର୍ଗ ଅବରୋଧ କରିଥିଲେ । ସେଠାରେ ଆପଣ ସେମାନଙ୍କ ସହିତ ଯୁଦ୍ଧ କରିବା ପରିବର୍ତ୍ତେ ଦୁଇଟି ବିକଳ୍ପ ରଖିଲେ, **ପ୍ରଥମ** ଇସଲାମ ଧର୍ମ ସ୍ୱୀକାର କରିନିଅ ଅବା ଖଜଣା ଦେଇ ନିଜକୁ ସୁରକ୍ଷିତ କରିନିଅ । ଅଧିକନ୍ତୁ ହଜୁର[ସ.ଅ]ଙ୍କର ମିଶରବାସୀଙ୍କ ସହିତ ମୁସଲମାନମାନେ ନମ୍ର ଆଚରଣ କରିବା ଉପଦେଶର ଆଲୋଚନା ମଧ୍ୟ କଲେ । ଅତଏବ ନିଷ୍ପତ୍ତି କରିବା ସକାଶେ ଆପଣ ଶତ୍ରୁଙ୍କୁ ଚାରି ଦିନର ସମୟ ଦେବା ସତ୍ତ୍ୱେ ମିଶର ଦେଶର ହାକିମ (ସରଦାର) ଅର୍ତବୁନ୍ ୧୨୦୦୦ ସୈନିକଙ୍କୁ ସାଥିରେ ନେଇ ରାତ୍ର ସମୟରେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେଲା । ଯଦ୍ୱାରା ଅନେକ ସଂଖ୍ୟାରେ ମୁସଲମାନ ସୈନିକ ଶହିଦ୍ ହୋଇଗଲେ । କିନ୍ତୁ ମୁସଲମାନମାନେ ପ୍ରତିଘାତ କରି ସେମାନଙ୍କର ୧୦୦୦ ସୈନିକଙ୍କୁ ନିହତ କରିଦେଲେ ଓ ୩୦୦୦ ସୈନିକଙ୍କୁ କଏଦ କରିବା ହେତୁ ଶତ୍ରୁ ରଣକ୍ଷେତ୍ର ଛାଡ଼ି ପଳାୟନ କଲା । ବଲବିସ୍‌ରେ ଗୋଟିଏ ମାସ ପର୍ଯ୍ୟନ୍ତ ଘମାଘୋଟ ଯୁଦ୍ଧ ଜାରି ରହିବା ପରେ ଶେଷରେ ମୁସଲମାନଙ୍କୁ ବିଜୟ ଲାଭ ହୋଇଥିଲା ।

କଶମକଶ୍ ଯୁଦ୍ଧ ସମୟରେ କବ୍‌ତିମାନଙ୍କ (କବ୍‌ତି ଏକ ଜାତି) ସରଦାର ମକୋକସ୍‌ର ଅତି ଗେହ୍ଲା କନ୍ୟା ଅର୍‌ମାନୋଶାଃ ବନ୍ଦୀ ହୋଇଗଲେ । ହଜରତ ଉମରୋ ବିନ୍ ଆସ୍[ର.ଅ] **ପଂକ୍ତି** ହଲ୍ ଜଯାଉଲ୍ ଇହ୍‌ସାନି ଇଲ୍ଲଲ୍ ଇହ୍‌ସାନ୍ ଅର୍ଥାତ୍ ଦୟାର ପ୍ରତିଫଳ ଦୟା ଆଚରଣ କରିବା ବ୍ୟତୀତ ଅନ୍ୟ କ'ଣ ହୋଇପାରେ ? ଅନ୍ତର୍ଗତ ହଜୁର[ସ.ଅ]ଙ୍କ ତରଫରୁ ମକୋକସ୍ ନିକଟକୁ ଉପହାର ସ୍ୱରୂପ ତାହାର ଅତି ପ୍ରିୟ ଓ ଅଲିଅଳି କନ୍ୟା ସହିତ ତାଙ୍କର ସମସ୍ତ ଅଳଙ୍କାର, ଆଭୁଷଣ ଓ ଦାସୀମାନଙ୍କୁ ଅତି ମର୍ଯ୍ୟାଦା ସହକାରେ ଫେରାଇ ଦେଲେ । ସମସ୍ତ ସାହାବାମାନେ ହଜରତ ଉମରୋ ବିନ୍ ଆସ୍[ର.ଅ]ଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ । ଏହି ଘଟଣା ମୁସଲମାନମାନଙ୍କ ବୁଦ୍ଧିମତା ଓ ଉତ୍ତମ ଚାରିତ୍ରିକର ଜ୍ୱଳନ୍ତ ପ୍ରମାଣ ଅଟେ । ପ୍ରତ୍ୟାବର୍ତ୍ତନ କରିବା ସମୟରେ ଅର୍‌ମାନୋଶାଃଙ୍କ ଦାସୀ ତାଙ୍କୁ କହିଲେ, ଆମେ ପ୍ରତ୍ୟେକ ଦିଗରୁ ଆରବୀମାନଙ୍କ କବଳରେ ରହିଛେ । ପ୍ରତିଉତ୍ତରରେ ଅର୍‌ମାନୋଶାଃ କହିଲେ, ମୁଁ ଏହି ଆରବୀମାନଙ୍କ ଶିବିରରେ ନିଜ ପ୍ରାଣ ଓ ସମ୍ମାନକୁ ସୁରକ୍ଷିତ ପାଉଛି । ଅପରପକ୍ଷେ ନିଜ ପିତାର ଦୁର୍ଗରେ ନିଜ ଜୀବନକୁ ସୁରକ୍ଷିତ ମଣୁ ନାହିଁ । ଆଉ ଯେତେବେଳେ ସେ ନିଜ ପିତାଙ୍କ ନିକଟରେ ପହଂଚିଲେ ସେତେବେଳେ ସେ ମୁସଲମାନମାନଙ୍କ ଆଚରଣରେ ଅତ୍ୟନ୍ତ ପ୍ରସନ୍ନିତ ଥିଲେ ।

ନୀଳ ନଦୀ ତଟରେ ଖଲିଜ୍ ତରାଜାନ ଯେଉଁସ୍ଥଳେ ଆଜିକାଲି କାହିରା'ର ଅଟ୍ଟାଳିକାମାନ ଅର୍ଥାତ ଅଯ୍‌ବକୟା ରହିଛି । ସେହି ଯୁଗରେ ଉମ୍ମେ ଦନିନ୍'ର ବସ୍ତି ରହିଛି, ଯାହାକୁ ରୋମୀମାନେ ନିଜ ଅଧିନରେ ରଖିଥିଲେ । ଏହି ଦୃଷ୍ଟିକୋଣରୁ ଉମ୍ମେ ଦନିନ୍'କୁ ମିଶରବାସୀଙ୍କର ପ୍ରଥମ ପ୍ରତିରକ୍ଷାକାରୀ ଛାଉଣୀ କୁହାଯାଇ ପାରେ । ମୁସଲମାନ ସେନା ଉମ୍ମେ ଦନିନ୍' ନିକଟରେ ଯାଇ ନିଜର ଶିବିର ଲଗାଇଲେ । ସେତେବେଳକୁ ରୋମୀମାନେ ବାବିଲୋନ୍ ଦୁର୍ଗରେ ନିଜର ସୁଦକ୍ଷ ସୈନିକମାନଙ୍କୁ ପହଂଚାଇ ଦେଇଥିଲେ ଏବଂ ଉମ୍ମେ ଦନିନ୍'ର ଦୁର୍ଗକୁ ବେଶ ମଜବୁତ୍ କରି ଯୁଦ୍ଧ ପାଇଁ ପ୍ରସ୍ତୁତ କରିଦେଇଥିଲେ । ସେମାନେ ଅବଗତ ଥିଲେ, ଯେ ଖୋଲା ପଡ଼ିଆରେ ଆରବୀମାନଙ୍କ ମୁକାବିଲା କରିବା ତାଙ୍କ ସାମର୍ଥ୍ୟ ବାହାରେ । ଉମ୍ମେ ଦନିନ୍'ର ସେନା ମଝିରେ ମଝିରେ ଦୁର୍ଗରୁ ବାହାରି ଆସି ମୁସଲମାନମାନଙ୍କ ମୁକାବିଲା କରୁଥିଲେ ଏବଂ ବିଫଳ ହୋଇ ଦୁର୍ଗ ଭିତରକୁ ପ୍ରବେଶ କରିଯାଉଥିଲେ । କିଛି ସପ୍ତାହ ଏହିପରି ଅତିବାହିତ ହୋଇଗଲା । ଇତିମଧ୍ୟରେ ହଜରତ ଉମର[ର.ଅ] ଇସଲାମୀ ସେନାର ସାହାଯ୍ୟ କରିବା ପାଇଁ ୪୦୦୦ସୈନିକଙ୍କୁ ପ୍ରେରଣ କଲେ । ଏଥିସହିତ ହଜରତ ଉମର[ର.ଅ] ହଜରତ ଉମରୋ ବିନ୍ ଆସ୍[ର.ଅ]ଙ୍କୁ ପ୍ରେରଣ କରିଥିଲେ, ଯେ ବର୍ତ୍ତମାନ ତୁମ ସହିତ ୧୨୦୦୦ ଉତ୍ସର୍ଗୀ ରହିଛନ୍ତି । ଏହି ସ୍ୱଳ୍ପ ସଂଖ୍ୟକ ସେନା ମଧ୍ୟ କଦାପି ପରାସ୍ତ ହେବେ ନାହିଁ । ରୋମୀ ଯୋଦ୍ଧା କବ୍‌ତିମାନଙ୍କୁ ସାଥିରେ ନେଇ ମୁସଲମାନମାନଙ୍କ ମୁକାବିଲା ନିମନ୍ତେ ବାହାରିଲେ । ଉଭୟ ସେନା ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା କିନ୍ତୁ ପରିଶେଷରେ ଶତ୍ରୁ ପରାଜିତ ହେଲା ।

ମୁତଫରକ୍ ବିଜୟ ପ୍ରସଙ୍ଗରେ ଲେଖା ରହିଛି, ଯେ ଉମ୍ମେ ଦନିନ୍'ର ବିଜୟ ପରେ ସର୍ବପ୍ରଥମେ ଫିଓମ୍'ର ସମଗ୍ର ରାଜ୍ୟ ଓ ଐନୁଶ୍ ଶମସ୍'ରେ ମୁସଲମାନମାନେ ରୋମୀମାନଙ୍କ ଉପରେ ବିଜୟ ଲାଭ କଲେ । ସେଥିଅନ୍ତେ ମନୁଫିୟା ରାଜ୍ୟର ଦୁଇଟି ସହର ଅସରିବ୍ ଓ ମନୁଫ୍'କୁ ମଧ୍ୟ ଅଧିକାର କରିନେଲେ । ବାବିଲୋନ୍ ଦୁର୍ଗ ଅବା ଫୁସତାତ୍ ସହରକୁ ଦୀର୍ଘ ସାତ ମାସ ପର୍ଯ୍ୟନ୍ତ ଘେରାଉ କରିବା ପରେ ମୁସଲମାନମାନେ ଦୁର୍ଗ ଭିତରକୁ ପ୍ରବେଶ କରିଗଲେ ଏବଂ ସେମାନଙ୍କ ସହ ଲଢ଼ି ଦୁର୍ଗ ଜିଣି ନେଲେ ।

ଫୁସତାତ୍ ଜୟ କରିବା ପରେ ହଜରତ ଉମର[ର.ଅ] ସିକନ୍ଦରିୟା ଜୟ କରିବା ପାଇଁ ଇସଲାମୀ ସେନାକୁ ଅନୁମତି ପ୍ରଦାନ କରିଦେଲେ । ସିକନ୍ଦରିୟା'ର ଘେରାଉ ଦୀର୍ଘ ନଅ ମାସ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା । ହଜରତ ଉମର [ର.ଅ]ଙ୍କୁ ମନରେ ଶଙ୍କା ଉତ୍ପନ୍ନ ହେବାରୁ ଆପଣ ପତ୍ର ଲେଖିଲେ, ଯେ ସମ୍ଭବତଃ ତୁମେମାନେ ସେଠାରେ ରହି ଐସ୍ ପୂଜକ ପାଲଟି ଗଲଣି । ନଚେତ୍ ବିଜୟରେ ଏଭଳି ବିଳମ୍ବ ଘଟି ନଥାନ୍ତା । ତେଣୁ ସୈନିକଙ୍କୁ ମୋର ଏହି ବାର୍ତ୍ତା ପହଂଚାଇ ସେମାନଙ୍କୁ ଜେହାଦ୍ କରିବାକୁ ଉତ୍ସାହିତ କର ଏବଂ ଶତ୍ରୁ ଉପରେ ଆତ୍ମଘାତି ଆକ୍ରମଣ କର । ଅମିରୁଲ୍ ମୁମିନିନ୍‌ଙ୍କ ଏହି ପତ୍ର ପାଠ କରି ଶୁଣାଇବା ପରେ ହଜରତ ଉମରୋ ବିନ୍ ଆସ୍[ର.ଅ] ହଜରତ ଅବୁ ଉବେଦାଃ ବିନ୍ ସାମିତଙ୍କୁ ଡ଼କାଇଲେ ଏବଂ ଧ୍ୱଜା ତାଙ୍କ ଅଧିନ କରିଦେଲେ । ସେଥିଅନ୍ତେ ମୁସଲମାନ ସେନା ସହସା ଏଭଳି ଘାତକ ପୂର୍ଣ୍ଣ ଆକ୍ରମଣ କଲେ ଯେ ସହର ଜୟ କରିବା ସାର ହେଲା । ସେତିକିବେଳେ ହଜରତ ଉମରୋ ନିଜର ଦୂତ ମଦିନା ପ୍ରେରଣ କଲେ ଏବଂ ତାଙ୍କୁ କହିଲେ ଯଥାସମ୍ଭବ ତୀବ୍ର ବେଗରେ ଯାଇ ଅମିରୁଲ୍ ମୁମିନିନ୍‌ଙ୍କୁ ଏହି ସୁସମାଚାର ପ୍ରଦାନ କର । ସନ୍ଦେଶବାହକ ମଦିନାରେ ଯାଇ ଦ୍ୱିପହରେ ପହଂଚିଲା, ବସ୍ତୁତଃ ସେ ଏହି ଖିଆଲରେ କି ଅମିରୁଲ୍ ମୁମିନିନ୍ ଆରାମ କରୁଥିବେ, ସିଧା ମସଜିଦ୍ ନବୀ ଚାଲିଗଲେ । ଭାଗ୍ୟବଶତଃ ଅମିରୁଲ୍ ମୁମିନିନ୍‌ଙ୍କ ଦାସୀ ସେଠାରେ ଆସି ପହଂଚିଲେ ଏବଂ ସେ ଯାଇ ହଜୁର [ର.ଅ]ଙ୍କୁ ଏହି ଶୁଭ ଖବର ଦେଲେ । ବିଜୟର ସମ୍ବାଦ ଶୁଣି ଅମିରୁଲ୍ ମୁମିନିନ୍ ସଙ୍ଗେସଙ୍ଗେ ପ୍ରଭୁଙ୍କ ଶରଣରେ ନତମସ୍ତକ ହେଲେ ଏବଂ କୃତଜ୍ଞତା ଜ୍ଞାପନ କରି ସଜ୍‌ଦାଃ କଲେ । ସେଥିଅନ୍ତେ ହଜରତ ଉମର ସନ୍ଦେଶବାହକଙ୍କୁ ପଚାରିଲେ ତୁମେ ମୋ ନିକଟକୁ ସିଧା କାହିଁ ଚାଲି ଆସିଲ ନାହିଁ । ସେ ଉତ୍ତର ଦେଲେ ମୁଁ ମନେକଲି ଯେ ସମ୍ଭବତଃ ଆପଣ ବିଶ୍ରାମ କରୁଥିବେ । ପ୍ରତିଉତ୍ତରରେ ହଜୁର[ର.ଅ] କହିଲେ; ତୁମେ ମୋ ପ୍ରସଙ୍ଗରେ ଏପରି ବିଚାର କାହିଁ କଲ, **ଯଦି ଦିନରେ ମୁଁ ବିଶ୍ରାମ କରେ ତେବେ ଖିଲାଫତ୍‌ର ଗୁରୁଦାୟିତ୍ୱ କିପରି ବହନ କରିବି ।**

ସିକନ୍ଦରିୟା ଜୟ କରିବା ପରେ ସମଗ୍ର ମିଶର ଦେଶ ମୁସଲମାନଙ୍କ ହାତ ମୁଠାକୁ ଚାଲି ଆସିଥିଲା । ଏହି ଅଭିଜାନରେ ଶତ୍ରୁ ପକ୍ଷର ଅନେକ ସିପାହି କଏଦ ହୋଇଥିଲେ । ହଜରତ ଉମର[ର.ଅ] କଏଦୀମାନଙ୍କ ପ୍ରସଙ୍ଗରେ ହଜରତ ଉମରୋ ବିନ୍ ଆସ୍ [ର.ଅ]ଙ୍କୁ ପତ୍ର ମାଧ୍ୟମରେ ଏହି ସନ୍ଦେଶ ଦେଲେ ଯେ ସମସ୍ତ କଏଦୀମାନଙ୍କୁ ଡ଼କାଇ କହିଦିଅ ଯେ ତୁମେମାନେ ସ୍ୱଇଚ୍ଛାରେ ମୁସଲମାନ ହୋଇଯାଅ ଅବା ନିଜ ଧର୍ମରେ ପ୍ରତିଷ୍ଠିତ ରୁହ ।

ସିକନ୍ଦରିୟା ବିଜୟ ପ୍ରସଙ୍ଗରେ ଆମ ବିରୋଧିମାନେ ବିଶେଷ କରି ଖ୍ରୀଷ୍ଟଧର୍ମାବଲମ୍ବୀ ଐତିହାସିକମାନେ ଏହି ଆପତ୍ତି କରିଥାନ୍ତି ଯେ ହଜରତ ଉମର [ର.ଅ]ଙ୍କ ନିର୍ଦ୍ଦେଶକ୍ରମେ ସିକନ୍ଦରିୟାର ପୁସ୍ତକାଗାରରେ ଅଗ୍ନି ସଂଯୋଗ କରାଯାଇ ଥିଲା, ଯାହାକି ଦୀର୍ଘ ଛ'ମାସ ପର୍ଯ୍ୟନ୍ତ ଜଳିଥିଲା । ସେମାନେ ଏହି ଆପତ୍ତି ଦ୍ୱାରା ଏହି ପ୍ରଭାବ ପକାଇବାକୁ ଚେଷ୍ଟା କରିଥାନ୍ତି, ଯେ ମୁସଲମାନମାନେ ନଉଯୁବିଲ୍ଲାଃ ବିଦ୍ୟା ଓ ଜ୍ଞାନର ଶତ୍ରୁ । ଯେତେବେଳେ କି ଇସଲାମର ପ୍ରତିଷ୍ଠାତା ହଜରତ ମୁହମ୍ମଦ[ସ.ଅ] ମୁସଲମାନମାନଙ୍କୁ ଏହି ଶିକ୍ଷା ଦେଇଛନ୍ତି, ଯେ ଜ୍ଞାନ ଆହରଣ କରିବା ପ୍ରତ୍ୟେକ ମୁସଲମାନମାନର କର୍ତ୍ତବ୍ୟ ଏବଂ ଯଦି ଜ୍ଞାନ ଆହରଣ କରିବା ସକାଶେ ତୁମକୁ ଚୀନ' ପରି ସୁଦୂର ଦେଶକୁ ଯିବାକୁ ପଡ଼େ ତେବେ ମଧ୍ୟ ସେଠାକୁ ଯାଅ । ଏପରି ଶିକ୍ଷାଧାରୀ ଲୋକମାନଙ୍କ ପ୍ରସଙ୍ଗରେ ଆପତ୍ତି କରିବା ଯେ ସେମାନେ ଗ୍ରନ୍ଥାଳୟ ଜାଳି ଦେଲେ କୌଣସି ମତେ ସ୍ୱୀକାର ଯୋଗ୍ୟ ନୁହେଁ । ବରଂ ବୁଦ୍ଧିଜ୍ଞାନ ବିପରୀତ ମୂଳକ କଥନ । ଅନେକ ଖ୍ରୀଷ୍ଟଧର୍ମାବଲମ୍ବୀ ଓ

ୟୁରୋପୀୟ ଅନୁସନ୍ଧାନକାରୀ ମଧ୍ୟ ଏକଥା ପ୍ରମାଣିତ କରିଛନ୍ତି, ଯେ ସିକନ୍ଦରିୟାର ଗ୍ରନ୍ଥାଳୟକୁ ଭସ୍ମୀଭୂତ କରିବା ଘଟଣା ସମ୍ପୂର୍ଣ୍ଣ ରୂପେ ମନଗଢା ଓ ମିଥ୍ୟା ରଚନା । ଜମାଅତ ଅହମଦିୟାର ପ୍ରଥମ ଖଲିଫା ନିଜ ପୁସ୍ତକ 'ତସ୍‌ଦିକେ ବରାହିନେ ଅହେମଦିୟା'ରେ ମଧ୍ୟ ଏହି ଆପତିର ଭରପୁର ପ୍ରମାଣ ଭିତ୍ତିକ ଉତ୍ତର ଦେଇ ଏହି ଆପତ୍ତିର ଖଣ୍ଡନ କରିଛନ୍ତି ।

ହଜରତ ଉମର [ର.ଅ]ଙ୍କ ଖିଲାଫତ୍ କାଳରେ ଇସଲାମୀୟ ସାମ୍ରାଜ୍ୟ ପୂର୍ବ ପ୍ରାନ୍ତରେ ଜେହୁନ୍ ଦରିଆ ପର୍ଯ୍ୟନ୍ତ ଏବଂ ସିନ୍ଧୁ ଦରିଆ ଠାରୁ ଆରମ୍ଭ କରି ପଶ୍ଚିମରେ ଆଫ୍ରିକାର ମରୁ ଅଂଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଯାଇଥିଲା । ପୁନଶ୍ଚ ଉତ୍ତରରେ ଏସିଆର କୋଚକ୍ ପର୍ବତ ଓ ଆରମାନିଆ ଠାରୁ ଦକ୍ଷିଣରେ ଅଲ୍‌କାହିଲ୍ ସମୁଦ୍ର ତଟ ଠାରୁ ନୋବା ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଏକ ବିଶାଳ ସାମ୍ରାଜ୍ୟ ଭାବରେ ବିଶ୍ୱ ମାନଚିତ୍ରରେ ଆଙ୍କି ଦେଇଥିଲେ ଏବଂ ସଭିଏଁ ଇସଲାମର ନ୍ୟାୟ ଓ ଦୟାପୂର୍ଣ୍ଣ ଛତ୍ରଛାୟା ତଳେ ଶାନ୍ତି ଓ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣରେ ଜୀବନ ଅତିବାହିତ କରୁଥିଲେ ।

ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ଯେଉଁସ୍ଥଳେ ଅଲ୍ଲାଃତାଲା ମୁସଲମାନମାନଙ୍କୁ ଅନୁମତି ପ୍ରଦାନ କରିଛନ୍ତି ଯେ ଯଦି ଜଣେ ବ୍ୟକ୍ତି ତୁମକୁ ଗୋଟିଏ ଚାପୁଡ଼ା ମାରେ ତେବେ ତାହା ପ୍ରତିବଦଳରେ ତୁମେ ମଧ୍ୟ ସେହିପରି ପ୍ରତିଶୋଧ ନିଅ । ସେହିସ୍ଥଳେ ପ୍ରଭୁ ଏହା ମଧ୍ୟ ଦର୍ଶାଇ ଦେଲେ ଯେ ଯଦି ମୁକାବିଲା କରିବା ପରିସ୍ଥିତି ଉପଯୋଗୀ ମନେକରୁ ନାହଁ ତେବେ ନିରବ ରୁହ ଅର୍ଥାତ ପ୍ରତିଶୋଧ ପରାୟଣ ହୁଅ ନାହିଁ । ଏହି ପ୍ରସଙ୍ଗରେ କୌଣସି ପ୍ରମାଣ ମିଳୁ ନାହିଁ ଯେ ହଜରତ ଅବୁବକର[ର.ଅ], ହଜରତ ଉମର[ର.ଅ], ହଜରତ ଉସମାନ[ର.ଅ] ଆଫଗାନୀସ୍ତାନ ଓ ବୁଖାରା'ର ଗୋଷ୍ଠୀ ତଥା କୁର୍ଦମାନଙ୍କ ଅନ୍ୟାୟ ଅତ୍ୟାଚାର ସତ୍ତ୍ୱେ ସେମାନଙ୍କୁ କାହିଁ କ୍ଷମା କଲେ ନାହିଁ । ଏହାର କାରଣ ଏହି କି ଯେ ସେହି ପାରଦର୍ଶୀ ମହାତ୍ମାମାନେ ଜାଣିଥିଲେ ଯେ କେତେକ ଗୋଷ୍ଠୀ ସ୍ୱୟଂ ମୁସଲମାନମାନଙ୍କ ଉପରେ ଆକ୍ରମଣ କରି ନଥିଲେ । ବରଂ ପ୍ରଭୁ ସେମାନଙ୍କ ଦ୍ୱାରା ମୁସଲମାନମାନଙ୍କ ଉପରେ ଆକ୍ରମଣ କରାଇଥିଲେ, ଯଦ୍ୱାରା ମୁସଲମାନମାନେ ଜାଗ୍ରତ ହୁଅନ୍ତୁ ଏବଂ ସେମାନଙ୍କ ଅନ୍ତରରେ ଏକ ନୂତନ ଆତ୍ମାର ସଂଚାର ହେଉ ।

ହଜରତ ମୁସଲେହ ମଉଦ[ର.ଅ] ଏହି ପ୍ରସଙ୍ଗରେ ନିଜର ଗୋଟିଏ ଖୁତବାରେ ଜମାଅତକୁ ଉପଦେଶ ପୂର୍ବକ କୁହନ୍ତି; ସମସ୍ୟା ଓ ବିପତ୍ତି ଆମମାନଙ୍କୁ ପ୍ରଭୁଙ୍କ ନିକଟବର୍ତ୍ତୀ କରିବା ଉଚିତ୍ । କାରଣ ପରବର୍ତ୍ତୀ ସମୟରେ ତାହା ହିଁ ବିଜୟର ଆଧାର ଶିଳା ପ୍ରମାଣିତ ହୋଇଥାଏ । ଯଦି ଏହିସବୁ ଜିନିଷକୁ ଭୟ କରି ଆମେ ପଶ୍ଚାତପଦ ଦେବା ଏବଂ ନିଜର ସଂସ୍କାର ପ୍ରତି ଧ୍ୟାନ ଦେବା ନାହିଁ ତେବେ ଆମର ଉନ୍ନତି ସମ୍ଭବ ନୁହେଁ । ଆଉ ଯେତେବେଳେ ଉନ୍ନତି ଲାଭ ହେବା ସହିତ ସମସ୍ୟାମାନ ମଧ୍ୟ ଦୂର ହୋଇଯାଏ ସେତେବେଳେ ଆମକୁ ଅଧିକରୁ ଅଧିକ ପ୍ରଭୁଙ୍କ ଶରଣରେ ନତମସ୍ତକ ହୋଇ ନିଜର ଆଧ୍ୟାତ୍ମିକ ଉନ୍ନତି ଓ ସଂଶୋଧନ ପ୍ରତି ଧ୍ୟାନ କେନ୍ଦ୍ରିତ କରିବା ଉଚିତ୍ । ଆଜିକାଲି ପ୍ରତ୍ୟେକ ଅହେମଦିଙ୍କୁ ଏକଥା ହୃଦୟଙ୍ଗମ କରିବା ଉଚିତ୍ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍‌କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

1st October 2021